# ପୁନର୍ବାସ ଓ ପୁନଃସଂସ୍ଥାନ: ଜାତୀୟ ନୀତି ଅନୁଯାୟୀ ରାଜ୍ୟନୀତିର ସଂଶୋଧନ ଜରୁରୀ

## ଅକାମୀ ରାଜ୍ୟ ନୀତି

କଳିଙ୍ଗନଗର ଗଣହତ୍ୟାର ବିଭୀଷିକା ପରେ ଓଡ଼ିଶା ସରକାର ୧୪ ମେ ୨୦୦୬ରେ ପ୍ରଥମ ଥର ପାଇଁ ସମଗ୍ର ରାଜ୍ୟ ପାଇଁ ଏବଂ ସମସ୍ତ ପ୍ରକାର ପ୍ରକଳ୍ପ ପାଇଁ ଏକ ପୁନର୍ବାସ ଓ ପୁନଃସଂସ୍ଥାନ ନୀତି ଘୋଷଣା କରିଥିଲେ । କିନ୍ତୁ ଦେଖାଗଲା, ଏହି ନୀତି ଘୋଷଣା ହେବା ସାଥେ ସାଥେ ସରକାରରେ ଅଧିଷ୍ଠିତ ପଦାଧିକାରୀମାନଙ୍କ ସହ କେତେକ ବୁଦ୍ଧିଜୀବି ଏହାକୁ ଦେଶର ସର୍ବୋତ୍କୃଷ୍ଟ ନୀତି ବୋଲି ବିଭିନ୍ନ ଗଣମାଧ୍ୟମ ଓ ସଭାସମିତିରେ ଭୁରୁଭୁରି ପ୍ରଶଂସା କରିବାକୁ ଲାଗିଲେ । ତିନି ତୁଣ୍ଡରେ ଛେଳି କୁକୁର ହୋଇଯାଇପାରେ, କିନ୍ତୁ ଅଳ୍ପକ୍ଷଣ ପାଇଁ । ବିସ୍ଥାପିତଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟନୀତି ଯେ ଏକ ଧୂଆଁବାଣ, ତାହା ଘଟଣା ପ୍ରକ୍ରିୟାରେ ଅଧିକରୁ ଅଧିକ ସୁସ୍ପଷ୍ଟ ହେବାକୁ ଲାଗିଲା । ସେହି ଶୃଙ୍ଖଳାରେ ଆମେ ଦେଖିବାକୁ ପାଇଲୁ, ପ୍ରତି ବୃହତ୍ ପ୍ରକଳ୍ପ କ୍ଷେତ୍ରରେ ବିସ୍ଥାପିତମାନଙ୍କ ମନ ଭୁଲେଇବା ପାଇଁ ରାଜ୍ୟ ସରକାର ଉକ୍ତ ରାଜ୍ୟନୀତିକୁ ଛାଡି ଅଲଗା ଅଲଗା ନୀତି ପ୍ରଣୟନ କଲେ, ଯଥା କଳିଙ୍ଗନଗର ନୀତି, ପୋସ୍କୋ ନୀତି, ଉତ୍କଳ ଆଲୁମିନା ନୀତି ଓ ବେଦାନ୍ତ (ଲାଞ୍ଜିଗଡ) ନୀତି ଇତ୍ୟାଦି, ଯେଉଁଥିରେ ରାଜ୍ୟନୀତି ତୁଳନାରେ ବିସ୍ଥାପିତମାନଙ୍କ ଥଇଥାନ ପାଇଁ ସ୍ୱତନ୍ତ୍ର ଓ ଅତିରିକ୍ତ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । ଏହାସତ୍ତ୍ୱେ ଏହି ସ୍ୱତନ୍ତ୍ର ପ୍ରକଳ୍ପ-ଭିତ୍ତିକ ନୀତିଗୁଡିକ ମଧ୍ୟ ବିସ୍ଥାପିତମାନଙ୍କ ଦ୍ୱାରା ଆଦୃତ ହୋଇପାରିନି, ଯେଉଁଥି ପାଇଁ କି ପ୍ରତି ସ୍ଥାନରେ ସେମାନଙ୍କର ପ୍ରତିରୋଧ ଆନ୍ଦୋଳନ ଜାରି ରହିଛି । ସୁତରାଂ ବସ୍ତୁତଃ ଓଡ଼ିଶାରେ ପ୍ରତି ବୃହତ୍ ପ୍ରକଳ୍ପ ପାଇଁ ବିସ୍ଥାପିତ ମାନଙ୍କର ଚାହିଦା ଓ ପ୍ରତିରୋଧ ଶକ୍ତିକୁ ଆଖି ଆଗରେ ରଖି ଅଲଗା ଅଲଗା ଥଇଥାନ ନୀତିମାନ ପ୍ରଣୟନ କରାଯାଉଛି ; ରାଜ୍ୟନୀତି କେବଳ ଏକ କାଗଜ ଦଲିଲ୍ ହୋଇ ଶୋଭା ପାଉଛି ।

## ଜାତୀୟ ନୀତି ୨୦୦୭

ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ତାଙ୍କ ୱେବ୍‌ସାଇଟ୍‌ରେ ରାଜ୍ୟନୀତି-୨୦୦୬ ସହ ପୁରାତନ ଜାତୀୟ ନୀତି-୨୦୦୩ର ଏକ ତୁଳନାତ୍ମକ ସାରଣୀ ପ୍ରଦାନ କରିଛନ୍ତି । କିନ୍ତୁ ଏକଥା ସମସ୍ତେ ଜାଣନ୍ତି, କେନ୍ଦ୍ର ସରକାର ବହୁ ତର୍କବିତର୍କ ପରେ ଗତ ୩୧ ଅକ୍ଟୋବର ୨୦୦୭ରେ ନୂଆ କରି ଏକ ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ନୀତି-୨୦୦୭ ଘୋଷଣା କରିଛନ୍ତି । ଏହି ନୂତନ ନୀତି ସହିତ ତୁଳନା ତ ଦୂରର କଥା, ଓଡ଼ିଶା ସରକାର ଏହା ଉପରେ କୌଣସି ମନ୍ତବ୍ୟ ଦେଇନାହାନ୍ତି । ଏହାର ଏକମାତ୍ର କାରଣ, ନୂତନ ଜାତୀୟ ନୀତିରେ ବିସ୍ଥାପନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ତଥା ଗୋଟିଏ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ତଥା ପ୍ରଭାବିତ ହେଉଥିବା ବିଭିନ୍ନ ବର୍ଗର ଲୋକମାନଙ୍କ ସର୍ବାତ୍ମକ ଥଇଥାନ ପାଇଁ ଯେତେସବୁ ଅଭିନବ ଏବଂ ବହୁବିଧ ବ୍ୟବସ୍ଥାମାନର ଅବତାରଣା କରାଯାଇଛି, ସେସବୁକୁ ଓଡ଼ିଶା ସରକାର ଯଦି ସ୍ୱୀକାର କରନ୍ତି, ତେବେ ଯେଉଁ ଦେଶୀବିଦେଶୀ ଶିଳ୍ପସଂସ୍ଥାମାନଙ୍କ ସହ ରାଜ୍ୟ ସରକାର ଗୋଟାକ ପରେ ଗୋଟାଏ ଏମ୍.ଓ.ୟୁ. ସ୍ୱାକ୍ଷର କରିଚାଲିଛନ୍ତି, ତାହା ହୁଏତ୍ ଠପ୍ ପଡିଯିବ । କିନ୍ତୁ ଆଜି ନହେଲେ କାଲି, ଯେମିତି ହେଲେ ନବଘୋଷିତ ଜାତୀୟ ନୀତି-୨୦୦୭ ସହ ରାଜ୍ୟନୀତି-୨୦୦୬ କେତେଦୂର ସଂଗତିସମ୍ପନ୍ନ, ତହିଁର ଏକ ତୁଳନାତ୍ମକ ବିବରଣୀ ରାଜ୍ୟ ସରକାରଙ୍କୁ ଜନଗଣଙ୍କ ସାମନାରେ ପେଶ୍ କରିବାକୁ ପଡିବ ଏବଂ ଆବଶ୍ୟକ ସ୍ଥଳେ ରାଜ୍ୟନୀତିର ସଂଶୋଧନ ଘଟାଇବାକୁ ପଡିବ । କାରଣ ଏହି ଜାତୀୟ ନୀତିର ଅନୁଚ୍ଛେଦ-୧.୬ରେ କୁହାଯାଇଛି ଯେ, ଜାତୀୟ ନୀତିର ବ୍ୟବସ୍ଥାଗୁଡିକ ହେଉଛି ସର୍ବନିମ୍ନ, ଯାହାକି ଦେଶର ପ୍ରତି ପ୍ରକଳ୍ପ-ଜନିତ ବିସ୍ଥାପନ କ୍ଷେତ୍ରରେ ଲାଗୁହେବ, ଏବଂ ରାଜ୍ୟ ସରକାରମାନେ ସେମାନଙ୍କ ଥଇଥାନ ନୀତି ବା କାର୍ଯ୍ୟକ୍ରମରେ ବିସ୍ଥାପିତମାନଙ୍କ ପାଇଁ ଏହାଠାରୁ ଅଧିକ ସୁବିଧାସୁଯୋଗ ପ୍ରଦାନ କରିବାରେ କୌଣସି ବାଧା ନାହିଁ ।

## ଓଡ଼ିଶା ନୀତିର ଅଭାବସମୂହ

ପ୍ରଥମତଃ ଓଡ଼ିଶା ନୀତି-୨୦୦୬ର ଧାରା-୨(ଡି)ରେ ପ୍ରଦତ୍ତ ସଂଜ୍ଞା ଅନୁଯାୟୀ କେବଳ ଘରଡିହ ହରାଉଥିବା ପରିବାର ହିଁ ବିସ୍ଥାପିତ ପଦବାଚ୍ୟ ହେବେ, ଅର୍ଥାତ୍ ବିସ୍ଥାପନ କାରଣରୁ କୃଷିଜମି କିମ୍ବା ଜୀବିକା ହରାଉଥିବା କୃଷକ କି କୃଷି ବା ଅଣ-କୃଷି କ୍ଷେତ୍ରର ମଜୁରି-ଶ୍ରମିକ କୌଣସି ଥଇଥାନ ସୁବିଧା ପାଇବେ ନାହିଁ । ଅଥଚ ଜାତୀୟ ନୀତିର ଧାରା-୩(୧ବି)ରେ 'ପ୍ରଭାବିତ ପରିବାର'ର ସଂଜ୍ଞା ଭିତରେ କୁହାଯାଇଛି ଯେ, ବିଧିବଦ୍ଧ ମାଲିକାନା ସ୍ୱତ୍ତ୍ୱ ଅଧୀନରେ ଥିବା ଜମି ବା ସମ୍ପତ୍ତି ହରାଉଥିବା ବ୍ୟକ୍ତିଙ୍କ ଭଳି ଲିଜ୍ କିମ୍ବା ଭୋଗଦଖଲରେ ଥିବା ଜମିଜମାକୁ ହରାଉଥିବା ବ୍ୟକ୍ତି, ତଥା କୃଷି ବା ଅଣ-କୃଷି କ୍ଷେତ୍ରର ସମସ୍ତ ଭୂମିହୀନ ଶ୍ରମିକ, କାରିଗର, ଆତ୍ମନିଯୁକ୍ତ ବ୍ୟକ୍ତି ଓ କ୍ଷୁଦ୍ର ବେପାରି, ଯେଉଁମାନେ କି ପ୍ରକଳ୍ପ-ପ୍ରଭାବିତ ଅଞ୍ଚଳ ଘୋଷଣା ହେବା ପୂର୍ବରୁ ଅନ୍ୟୁନ ୩ ବର୍ଷ ଧରି ସେଠାରେ ନିଜର ଜୀବିକା ନିର୍ବାହ କରି ଆସୁଥିବେ, ସେମାନେ ସମସ୍ତେ 'ପ୍ରଭାବିତ ପରିବାର'ର ସଂଜ୍ଞାଭୁକ୍ତ ହେବେ, ଅର୍ଥାତ୍ ଥଇଥାନର ସୁବିଧାସୁଯୋଗ ଲାଭ କରିବେ । ଦ୍ୱିତୀୟତଃ ଓଡ଼ିଶା ନୀତିର ଧାରା-୪(ଜି)ରେ କୁହାଯାଇଛି ଯେ, କେବଳ ଅନୁସୂଚୀତ ଅଞ୍ଚଳରେ ହିଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଗ୍ରାମସଭା ସହ ପରାମର୍ଶ କରାଯିବ; ଅନ୍ୟ ଅଞ୍ଚଳ ପାଇଁ ଏହି ସୀମିତ ସୁଯୋଗ ମଧ୍ୟ ନାହିଁ । ପୁଣି ଯଦି ଅନୁସୂଚୀତ ଅଞ୍ଚଳର କୌଣସି ଏକ ଗ୍ରାମସଭା ଜମି ଅଧିଗ୍ରହଣ ପ୍ରସ୍ତାବକୁ ବିରୋଧ କରେ ତେବେ ସରକାର ଗ୍ରାମସଭାର ନିଷ୍ପତ୍ତିକୁ ସମ୍ମାନ ଦେବେ କି ନାହିଁ, ସେ ବିଷୟରେ ଓଡ଼ିଶା ନୀତି ନୀରବ; ଅର୍ଥାତ୍ ଗ୍ରାମସଭାର ବିରୋଧ ସତ୍ତ୍ୱେ ସରକାର ଜମି ଅଧିଗ୍ରହଣ କରିପାରନ୍ତି । କିନ୍ତୁ ନୂତନ ଜାତୀୟ ନୀତିରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଦେବା ପାଇଁ ଏହାର ଅଧ୍ୟାୟ-୪ରେ ଏକ ବିଧିବଦ୍ଧ ବ୍ୟବସ୍ଥା ସ୍ଥାନିତ କରାଯାଇଛି । ଯଦି ଗୋଟିଏ ପ୍ରକଳ୍ପ ଦ୍ୱାରା ସମତଳ ଅଞ୍ଚଳରେ ଅନ୍ୟୂନ ୪୦୦ ପରିବାର ଓ ଅନ୍ୟ ଅଞ୍ଚଳରେ ୨୦୦ ପରିବାର ବିସ୍ଥାପିତ ହେଉଥାନ୍ତି, ତେବେ ସେହି ପ୍ରକଳ୍ପ ପାଇଁ 'ସାମାଜିକ ପ୍ରଭାବ ସମୀକ୍ଷା'ର ଏକ ସୁବିସ୍ତୃତ ପ୍ରକ୍ରିୟା ଅନୁସୃତ ହେବ । ପ୍ରକଳ୍ପ ଫଳରେ ଜନଜୀବନ ଉପରେ କି ପ୍ରକାର ପ୍ରଭାବ ପଡିବ, ସେ ସମ୍ବନ୍ଧରେ ସରକାର ଏକ ସ୍ୱୀକୃତିପ୍ରାପ୍ତ ବିଶେଷଜ୍ଞ ସଂସ୍ଥା ଦ୍ୱାରା ଏକ ସବିଶେଷ ବିବରଣୀ ପ୍ରସ୍ତୁତ କରିବେ, ଏବଂ ଏକ ନିରପେକ୍ଷ ବହୁ-ବିଭାଗୀୟ ବିଶେଷଜ୍ଞ ଦଳ ଦ୍ୱାରା ଏହାକୁ ଯାଞ୍ଚ କରାଇବେ । ପୁଣି ସରକାର ପ୍ରଭାବିତ ଜନସାଧାରଣଙ୍କ ଭିତରେ ଏହି ବିବରଣୀକୁ ପରିପ୍ରସାର

କରାଇବା ସହ ଏହା ଉପରେ ଜନଶୁଣାଣି କରାଇବେ । ପ୍ରଚଳିତ ପ୍ରଥା ଅନୁଯାୟୀ କେବଳ ପାରିବେଶିକ ପ୍ରଭାବ ସମୀକ୍ଷା ଏବଂ ତା' ଉପରେ ଜନଶୁଣାଣିର ବ୍ୟବସ୍ଥା ଅଛି, କିନ୍ତୁ ସାମାଜିକ ପ୍ରଭାବ ସମୀକ୍ଷା ହେଉଛି ସଂପୂର୍ଣ୍ଣ ଭାବେ ଏକ ନୂତନ ବ୍ୟବସ୍ଥା । ତୃତୀୟତଃ ଓଡିଶା ନୀତିରେ ଅଭିଯୋଗ ପ୍ରତିକାର ବ୍ୟବସ୍ଥାର ଏକ ପ୍ରହସନ ଆମେ ଦେଖିବାକୁ ପାଉ । ଏହାର ଧାରା-୧୫ ଅନୁଯାୟୀ କ୍ଷତିପୂରଣ ବ୍ୟାପାରରେ କେହି ଅଭିଯୋଗ କରିବାକୁ ଚାହିଁଲେ ସେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟି ନିକଟରେ ଫେରାଦ୍ ହେବେ, ଏବଂ ଯଦି ଜିଲ୍ଲା କମିଟିର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ରାଜସ୍ୱ ପରିଷଦ ସଭ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ରାଜ୍ୟ କ୍ଷତିପୂରଣ ଉପଦେଷ୍ଟା କମିଟି ନିକଟରେ ଫେରାଦ୍ ହେବେ ଏବଂ ଅଧ୍ୟକ୍ଷଙ୍କ ନିଷ୍ପତ୍ତି ହିଁ ଚୂଡାନ୍ତ ବୋଲି ବିବେଚିତ ହେବ । ଏହାଛଡା ଧାରା-୨୨(ଏ) ଅନୁଯାୟୀ ଏହି ନୀତି ସମ୍ବନ୍ଧରେ କୌଣସି ସନ୍ଦେହ ଉପୁଜିଲେ, ତାହା ରାଜସ୍ୱ ବିଭାଗକୁ ଅବଗତ କରାଯିବ, ଏବଂ ତାଙ୍କର ମତକୁ ଚୂଡାନ୍ତ ବୋଲି ଧରିନିଆଯିବ । ସୁତରାଂ ଓଡିଶା ନୀତି ଅନୁଯାୟୀ ଯେଉଁ ବିଭାଗ ଜମି ଅଧିଗ୍ରହଣ କରୁଛି, ସେହି ବିଭାଗର ପଦାଧିକାରୀମାନେ ହିଁ ଅଭିଯୋଗ ଫଇସଲା ପାଇଁ କ୍ଷମତାପ୍ରାପ୍ତ ହୋଇଛନ୍ତି । କିନ୍ତୁ ଜାତୀୟ ନୀତି-୨୦୦୭ର ଧାରା ୮.୩.୪ ଅନୁଯାୟୀ ଏକ ନିରପେକ୍ଷ ସଂସ୍ଥା (ଅମ୍ବୁଡସ୍‌ମାନ) ଗଠିତ ହେବ, ଯାହାଙ୍କ ପାଖରେ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ କ୍ଷତିପୂରଣ ସଂବନ୍ଧୀୟ ନିଷ୍ପତ୍ତି ବିରୁଦ୍ଧରେ ଅଭିଯୋଗ ଦାଖଲ କରିହେବ । ଏହାଛଡା ଧାରା ୯.୫ ଅନୁଯାୟୀ ନୂତନ ଭାବେ ଏକ ଜାତୀୟ ପୁନଃସଂସ୍ଥାନ କମିଶନ୍ ପ୍ରତିଷ୍ଠା କରାଯିବ, ଯାହାଙ୍କ ପାଖରେ ଏହି ନୀତିର ଉଲ୍ଲଂଘନ ସଂବନ୍ଧୀୟ ଅଭିଯୋଗ ମଧ୍ୟ ଦାଖଲ ହୋଇପାରିବ । ଚତୁର୍ଥତଃ ଓଡିଶା ନୀତିର ଆଭିମୁଖ୍ୟରେ ଯଦିଓ ଭାଗିଦାରିତା ଓ ସ୍ୱଚ୍ଛତାର କଥା କୁହାଯାଇଛି, ବସ୍ତୁତଃ ଏହାକୁ ସୁନିଶ୍ଚିତ କରିବା ପାଇଁ କୌଣସି ଆବଶ୍ୟକୀୟ ପ୍ରାବ୍‌ଧାନ ଅବତାରଣା କରାଯାଇନାହିଁ । କିନ୍ତୁ ଜାତୀୟ ନୀତିର ଧାରା-୯.୩ରେ କୁହାଯାଇଛି ଯେ, ପ୍ରତି ପ୍ରକଳ୍ପ-ପ୍ରଭାବିତ ବ୍ୟକ୍ତିଙ୍କ ନାମ ତଥା ତାଙ୍କ ପାଇଁ ଉଦ୍ଦିଷ୍ଟ ଥଇଥାନ ବ୍ୟବସ୍ଥାର ସବିଶେଷ ତଥ୍ୟ ସମେତ ପୁନର୍ବାସ ଓ ପୁନଃସଂସ୍ଥାନ ସଂପର୍କୀତ ସମସ୍ତ ସୂଚନା ଇଣ୍ଟର୍‌ନେଟ୍ ସମେତ ବିଭିନ୍ନ ମାଧ୍ୟମରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଉପଲବ୍‌ଧ ରହିବ । ପଞ୍ଚମତଃ ଓଡିଶା ନୀତିର ଧାରା-୯ରେ 'ଜବରଦଖଲକାରୀ'ଙ୍କ ପାଇଁ ସୁବିଧାସୁଯୋଗ ସମ୍ବନ୍ଧରେ କୁହାଯାଇଛି ଯଦି ଗୋଟିଏ ପରିବାର ଆଇନ୍ ଦୃଷ୍ଟିରେ ଭୂମିହୀନ ଓ ଘରଡିହ-ହୀନ ହୋଇଥିବେ, ୧୦ବର୍ଷ ଧରି ଲଗାତାର ଗୋଟିଏ ଜମି ଉପରେ 'ଜବରଦଖଲ' କରିଥିବେ, ତାଙ୍କ ନାମରେ ଅନ୍ୟ କୌଣସି ରୟତି ଜମି ନଥିବ ଏବଂ ସର୍ବୋପରି ସେହି ଜବରଦଖଲ ଆଇନ୍ ଦୃଷ୍ଟିରେ 'ଆପତ୍ତିଜନକ' ହୋଇନଥିବ, ତେବେ ତାଙ୍କୁ ଯଥାସ୍ଥିତି ୧ ଷ୍ଟାଣ୍ଡାର୍ଡ ଏକର ପର୍ଯ୍ୟନ୍ତ ଜମି ଅଥବା ସହରାଞ୍ଚଳରେ ୪ ଡିସିମିଲ୍ ବା ଗ୍ରାମାଞ୍ଚଳରେ ୧୦ଡିସିମିଲ୍ ଘରଡିହ ଦିଆଯାଇପାରେ । ମୋଟ ଉପରେ କହିଲେ, ଏପ୍ରକାର ସର୍ତ୍ତବହୁଳ ବ୍ୟବସ୍ଥା ସାମନାରେ କୌଣସି ଭୂମିହୀନ ବା ଘରଡିହ-ହୀନ ପରିବାର କିଛି ପାଇବାର ସମ୍ଭାବନା ନାହିଁ । କିନ୍ତୁ ଜାତୀୟ ନୀତିରେ 'ଜବରଦଖଲ' (ଏନକ୍ରୋଚ୍‌ମେଣ୍ଟ) ଶବ୍ଦ ବଦଳରେ ଭୋଗଦଖଲ (ଅକୁପେସନ୍) ଶବ୍ଦ ବ୍ୟବହାର କରାଯାଇଛି ଏବଂ ବିଭିନ୍ନ ସ୍ଥାନରେ କୁହାଯାଇଛି ଯେ, ଜଣେ ବ୍ୟକ୍ତି ହିତାଧିକାରୀ ସ୍ଥିତି ଲାଭ କରିବା ପାଇଁ ତାଙ୍କର ଗୋଟିଏ ଜମି ଉପରେ ୩ବର୍ଷ ଧରି ଭୋଗଦଖଲ ଥିବାର ପ୍ରମାଣ ହିଁ ଯଥେଷ୍ଟ । ଉଦାହରଣ ସ୍ୱରୂପ, ଧାରା-୭.୩ରେ କୁହାଯାଇଛି ଯେ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଟିଏ ଘରଡିହ-ହୀନ ପରିବାର ଯଦି 'ପ୍ରଭାବିତ ଅଞ୍ଚଳ' ଘୋଷଣା ହେବା ପୂର୍ବରୁ ୩ବର୍ଷ ଧରି ଲଗାତାର ରହିଆସିଥିବେ, ତେବେ ତାଙ୍କୁ ଗ୍ରାମାଞ୍ଚଳରେ ୧୦୦ ବର୍ଗ ମିଟର୍ ପରିମିତ ସ୍ଥାନରେ ବା ସହରାଞ୍ଚଳରେ ୫୦ବର୍ଗ ମିଟର୍ ପରିମିତ ସ୍ଥାନରେ ଗୃହନିର୍ମାଣ କରି ଯୋଗାଇ ଦିଆଯିବ, ଅଥବା ସେ ଯଦି ପ୍ରାକ୍-ନିର୍ମିତ ଗୃହ ନନେଇ ନିଜେ ଗୃହ ନିର୍ମାଣ କରିବାକୁ ଚାହାଁନ୍ତି, ତେବେ ସରକାରୀ ହିସାବରେ ଗୃହ ନିର୍ମାଣ ବାବଦକୁ ଯେଉଁ ଅଥରାଶି ଧାର୍ଯ୍ୟ କରାଯାଇଥାଏ, ତାହା ତାଙ୍କୁ ମିଳିବ ।

**ଓଡିଶା ସରକାରଙ୍କ କର୍ତ୍ତବ୍ୟ**

ଜାତୀୟ ନୀତି-୨୦୦୭ ତୁଳନାରେ ଓଡିଶା ନୀତି-୨୦୦୬ ଯେ ବହୁ ପଛରେ ଅଛି, ତାହା ଅଳ୍ପ କେତୋଟି ମୌଳିକ ଦିଗକୁ ନେଇ ଉପରୋକ୍ତ ସଂକ୍ଷିପ୍ତ ଚର୍ଚ୍ଚାରୁ ଜାଣି ହେଉଥିବ । ଏହିଭଳି ଅନେକ ଦିଗ ଅଛି, ଯେଉଁ ଦୃଷ୍ଟିରୁ ଓଡିଶା ନୀତି ଗଭୀର ଦୋଷଦୁର୍ବଳତା ତଥା ଆଭ୍ୟନ୍ତରୀଣ ଅସଂଗତିରେ ଭାରାକ୍ରାନ୍ତ । ଯାହା ହେଉ, ବର୍ତ୍ତମାନ ଓଡିଶା ନୀତିରେ ପ୍ରକୃତ ଅର୍ଥରେ ସ୍ୱଚ୍ଛତା ଓ ଭାଗିଦାରିତା ଆଣିବା ପାଇଁ ତଥା ଏହାକୁ ବିସ୍ଥାପିତମାନଙ୍କ ସ୍ୱାର୍ଥାନୁକୂଳ କରିବା ପାଇଁ ତଥା ଏହାକୁ ଏକ ସୁସଂଗତ ଦଲିଲ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ସାମନାରେ ଦୁଇଟି ବିକଳ୍ପ ଅଛି । ପ୍ରଥମତଃ ରାଜ୍ୟ ସରକାର ନିଜେ ଜାତୀୟ ନୀତି-୨୦୦୭ ସହିତ ରାଜ୍ୟନୀତି-୨୦୦୬ର ଏକ ତୁଳନାତ୍ମକ ସମୀକ୍ଷାପତ୍ର ଜନସାଧାରଣଙ୍କ ସମ୍ମୁଖରେ ପେଶ୍ କରନ୍ତୁ, ଠିକ୍ ଯେମିତି ପୁରାତନ ଜାତୀୟ ନୀତି-୨୦୦୩ ସହ ତୁଳନା ଏବେବି ରାଜସ୍ୱ ବିଭାଗ ୱେବ୍‌ସାଇଟ୍‌ରେ ପ୍ରଦର୍ଶୀତ ହୋଇଚାଲିଛି । ଏହି ସମୀକ୍ଷାପତ୍ରକୁ କେନ୍ଦ୍ର କରି ଅନ୍ତତଃ ୬ମାସ ଧରି ଏକ ରାଜ୍ୟସ୍ତରୀୟ ଜନବିତର୍କକୁ ସରକାର ପ୍ରୋତ୍ସାହନ ଦିଅନ୍ତୁ । ଯଦି ରାଜ୍ୟ ସରକାର ଉପରୋକ୍ତ ମାର୍ଗ ଅନୁସରଣ କରିବାକୁ ଚାହାଁନ୍ତିନି, ତେବେ ଅନ୍ୟ ବିକଳ୍ପଟି ହେଲା, ବିଣ୍ଡଦୋଷ ଆକ୍ରାନ୍ତ ରାଜ୍ୟନୀତି-୨୦୦୬କୁ ପୁରାପୁରି ପ୍ରତ୍ୟାହାର କରି ରାଜ୍ୟ ସରକାର ଜାତୀୟ ନୀତି-୨୦୦୭କୁ ସଂପୂର୍ଣ୍ଣ ରୂପେ ଗ୍ରହଣ କରିନିଅନ୍ତୁ , ଠିକ୍ ଯେପରି ରାଜ୍ୟନୀତି ପ୍ରଣୟନ କରି ନଥିବା ବହୁ ରାଜ୍ୟ ଜାତୀୟ ନୀତି ଦ୍ୱାରା ପରିଚାଳିତ ହୋଇଥାନ୍ତି । ଏହି ଦୁଇଟି ବିକଳ୍ପକୁ ଛାଡି ରାଜ୍ୟ ସରକାର ଯଦି ବର୍ତ୍ତମାନ ଭଳି ତାଙ୍କର ଛିଣ୍ଡାଦଦରା ପୁନର୍ବାସ ଓ ପୁନଃସଂସ୍ଥାନ ନୀତି-୨୦୦୬କୁ ବଜାୟ ରଖି ଏହାକୁ ଦେଶର ସର୍ବଶ୍ରେଷ୍ଠ ନୀତି ବୋଲି ଡିଣ୍ଡିମ ପିଟି ଚାଲନ୍ତି, ତେବେ ହୁଏତ୍ ନିକଟ ଭବିଷ୍ୟତରେ ବିସ୍ଫୋରକ ଜନବିଦ୍ରୋହ ଚାପରେ 'ପକେଇଲା ଛେପକୁ ଚୋକିବା' ଭଳି ନିଜର ନୀତିକୁ ଅକଳିଆରେ ପଡି ବଦଳେଇବାକୁ ବାଧ୍ୟ ହେବେ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mob: 9437577546, 8th May 2008**